**ସଂକ୍ଷେପରେ**

## ସୂଚନା ଫଳକ ନେଇଗଲେ ଦୁର୍ବୃତ୍ତ



**ବଇଣ୍ଡା,୨୪।୭(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା-ପଦ୍ମପୁର-ଇଚ୍ଛାପୁର ପୂର୍ତ୍ତ ବିଭାଗ ରାସ୍ତାରେ ଲାଗିଥିବା ସୂଚନା ଫଳକ ଚୋରି ହୋଇଛି। ତେବେ ଏ ନେଇ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇନାହିଁ। ୨୦୦୯ରେ ଉକ୍ତ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଶେଷ ହୋଇଥିଲା। ଏହାପରେ ଜନସାଧାରଣ ଏବଂ ଗାଡ଼ିଚାଳକଙ୍କ ଲାଗି ଉଭୟ ପାର୍ଶ୍ୱରେ ସତର୍କ ସୂଚନା ଫଳକ ଲଗାଯାଇଥିଲା। ଫଳକର ଲୁହା ଆଙ୍ଗେଲ୍‌ଗୁଡ଼ିକ ଭଲ ଦରରେ କବାଡ଼ିଆ ଦୋକାନରେ ବିକ୍ରି ହେଉଥିବାରୁ ଏଗୁଡ଼ିକୁ ଦୁର୍ବୃତ୍ତମାନେ ଖୋଲି ନେଇଯାଇଥିବା ଆଲୋଚନା ହେଉଛି। ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହେଉଛି। ଏ ନେଇ ହଣ୍ଡପା ଥାନା ଆଇଆଇସି ପ୍ରଦୀପ ପ୍ରଧାନ କୁହନ୍ତି, ରାସ୍ତାରୁ ଚୋରି ହୋଇଯାଇଥିବା ଫଳକ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନାହିଁ।

## କ୍ରେଡିଟ୍ କାର୍ଡ ଆକ୍ଟିଭ୍ ଆଳରେ ଠକେଇ

**ଅନୁଗୋଳ ଅଫିସ, ୨୪।୭:** ଅନୁଗୋଳ ସହର ଶିମିଳିପଡ଼ାରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। କ୍ରେଡିଟ୍ କାର୍ଡ ଆକ୍ଟିଭ୍ ଆଳରେ ସାଇବର ଠକ ତାଙ୍କୁ ଟାର୍ଗେଟ କରିଥିଲେ। ତାଙ୍କ କ୍ରେଡିଟ୍ କାର୍ଡ ଆକାଉଣ୍ଟରୁ ୩ ଥରରେ ୬୫ ହଜାର ୩୮୦ ଟଙ୍କା ଉଠାଣ ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଯୁବକଙ୍କ ଘର ଛତିଶଗଡ଼ରେ। ସେ ଅନୁଗୋଳର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଆକ୍ସିସ୍ ବ୍ୟାଙ୍କରେ ଏକ କ୍ରେଡିଟ୍ କାର୍ଡ ରହିଛି। ଗତ ଶୁକ୍ରବାର ତାଙ୍କ ମୋବାଇଲ୍‌କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। କ୍ରେଡିଟ୍ କାର୍ଡ ଆକ୍ଟିଭ୍ କରିବା ଆଳ ଦେଖାଇ ଅଭିଯୁକ୍ତ ଜଣକ ତାଙ୍କଠାରୁ ତଥ୍ୟ ସଂଗ୍ରହ କରି ନେଇଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ୩୮୦, ୨୦ ହଜାର ଏବଂ ୨୫ ହଜାର ଟଙ୍କା ଉଠାଇ ନେଇଥିଲେ। ଠକେଇର ଶିକାର ହୋଇଥିବା ଜଣାପଡ଼ିବା ପରେ ଯୁବକ ଜଣକ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଢେଙ୍କାନାଳରୁ ୮୪, ଅନୁଗୋଳରୁ ୬୯ ପଜିଟିଭ୍

**ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୨୪।୭:** ଢେଙ୍କାନାଳ ଜିଲାରୁ ଦିନକରେ ୮୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪୦ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୫୬୭ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନୁଗୋଳ ଜିଲାରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୮୧ ସୁସ୍ଥ ହୋଇଛନ୍ତି। କରୋନାରେ ଜିଲାର ୮ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ହତ୍ୟା ଉଦ୍ୟମ, ଜଣେ ଗିରଫ

**କଣିହାଁ, ୨୪।୭(ଡି.ଏନ.ଏ.):** ସାମାନ୍ୟ ଗଣ୍ଡଗୋଳକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ପାଣିରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ସାରଥିପାଳ ଗ୍ରାମର ଯଶୋବନ୍ତ ପ୍ରଧାନଙ୍କୁ ଶନିବାର ଗିରଫ କରିଛି। ସାରଥିପାଳ ଗ୍ରାମର ଯଶୋବନ୍ତ ଏବଂ ଏନ୍‌ଟିପିସି ପ୍ରକଳ୍ପରେ କାର୍ଯ୍ୟରତ ନୀଳମଣି ସାହୁଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ନୀଳମଣି ପୋଖରୀରେ ଗାଧୋଉଥିବାବେଳେ ଯଶୋବନ୍ତ ତାଙ୍କୁ ପାଣିରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ତେବେ କୌଣସିମତେ ନୀଳମଣି ତାଙ୍କ କବଳରୁ ବର୍ତ୍ତିଯାଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ନଂ. ୧୧୦/୨୧ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି।

## ସାଇମନ୍ଦିରରେ ଗୁରୁ ପୂର୍ଣ୍ଣିମା

**କାମାକ୍ଷାନଗର, ୨୪।୭(ଡି.ଏନ୍.ଏ.):** କାମାକ୍ଷାନଗର ଆଲୁଟୁମାସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଶନିବାର କୋଭିଡ୍ କଟକଣା ମଧ୍ୟରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ, ଅଭିଷେକ, ଆଳତି, ପ୍ରସାଦ ସେବନ ଆଦି ପର୍ଯ୍ୟାୟକ୍ରମେ ହୋଇଥିଲା। ପଣ୍ଡିତ ରସାନନ୍ଦ ପତି ହୋମକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସର୍ବଜିତ ଜୀ, ବିପାଶା ଦେଓ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଶ୍ରୀକାନ୍ତ ଜୀ, ଶାନ୍ତବାଳା ଜୀ, ସୁଧାଂଶୁ ରଞ୍ଜନ ବରାଳ, ରାଘବ ମହାନ୍ତି, ପ୍ରତାପ ସାହୁ, ସାଇନା ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିରାଶ କରୁଛି 'ନିର୍ମଳ'

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୪।୭**



ବ୍ୟବହାର ନ ହୋଇ ପଡ଼ି ରହିଥିବା ସଫେଇ ଯନ୍ତ୍ରାଂଶ।

- କାମରେ ଲାଗୁନି ସଫେଇ ଯନ୍ତ୍ର
- ବାରଣ୍ଡାରେ ଖତଖାଉଛି ମୂଲ୍ୟବାନ ମେଶିନ
- କାମକରୁନି ଥ୍ରୀ ବକେଟ୍ ସିଷ୍ଟମ

ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟ କେବଳ ସ୍ୱାସ୍ଥ୍ୟସେବାରେ ସୀମିତ ହୋଇରହିବ ନାହିଁ। ଡାକ୍ତରଖାନାର ପରିମଳ, ସୁରକ୍ଷା ବ୍ୟବସ୍ଥା ଏବଂ ଗୁଣାତ୍ମକ ସେବାରେ ଯେପରି ସାମାନ୍ୟତମ ତ୍ରୁଟି ନ ରୁହେ ସେଥିଲାଗି ଦିଆଯାଉଛି ଗୁରୁତ୍ୱ। ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସାଙ୍ଗକୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଅତିରିକ୍ତ ସୁବିଧା ଯୋଗାଇ ଦିଆଯିବା ଲାଗି 'ନିର୍ମଳ' ଯୋଜନାରେ ପାଣି ପରି ଖର୍ଚ୍ଚ ହେଉଛି ଟଙ୍କା। ହେଲେ ଅନୁଗୋଳ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର ବୋଲାଉଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଡାକ୍ତରଖାନାରେ ପରିମଳ ବ୍ୟବସ୍ଥା ସୁଦୃଢ଼ କରିବାକୁ ଯୋଗାଇ ଦିଆଯାଇଥିବା ସଫେଇ ମେଶିନ ଦିନଟିଏ ମଧ୍ୟ କାମରେ ଲାଗିନାହିଁ। ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ବାରଣ୍ଡାରେ ପଡ଼ି ଖତ ଖାଉଛି, ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଜିଲା ଚିକିତ୍ସାଳୟ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ୨୦୧୯ରେ ରାଜ୍ୟ ସରକାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆଣିଥିଲେ। ରୋଗୀ ରହୁଥିବା ୱାର୍ଡର ଚଟାଣ, ହାତ ପହଞ୍ଚୁ ନ ଥିବା ସ୍ଥାନ ଏବଂ ଉପକରଣଗୁଡ଼ିକୁ ମେଶିନ ସହାୟତାରେ ସଫେଇ କରିବାକୁ ଏଥିରେ ନିର୍ଦ୍ଦେଶ ରହିଥିଲା। ତଦନୁଯାୟୀ ଅନୁଗୋଳ ଜିଲା ଚିକିତ୍ସାଳୟକୁ ଭ୍ୟାକୁମ୍ କ୍ଲିନର, ବ୍ୟାକ୍ ପ୍ୟାକ୍ ଭ୍ୟାକୁମ୍ ମେଶିନ, ଟେଲିସ୍କୋପ ପୋଲ, ହେଭି ଡ୍ୟୁଟି ସ୍କର୍ବିଂ ପୋଲ, ବଫରିଂ ମେଶିନ, ଫ୍ଲୋର ସ୍କର୍ବିଂ ମେଶିନ, କାଚ ସଫା କିଟ୍, ବକେଟ ଟ୍ରଲି, ହାଇ ପ୍ରେସର କ୍ଲିନର ଯୋଗାଇ ଦିଆଯାଇଥିଲା। ସଫେଇ କରିବା ଲାଗି ଲକ୍ଷାଧିକ ଟଙ୍କାର ମେଶିନ ଥିବା ସତ୍ତ୍ୱେ ଏହା କାମରେ ଆସୁନାହିଁ। ଯନ୍ତ୍ରାଂଶଗୁଡ଼ିକ ଏଠି ସେଠି ପଡ଼ି ଖତଖାଉଥିବାବେଳେ ଚିରାଚରିତ ଢଙ୍ଗରେ କର୍ମଚାରୀଙ୍କ ଦ୍ୱାରା ହାତରେ ସଫେଇ କରାଯାଉଛି। ଥ୍ରୀ ବକେଟ୍ ସିଷ୍ଟମ୍ ମାଧ୍ୟମରେ ଗୋଟିଏ ଠେଲା ଗାଡ଼ିରେ ପାଣି, ଫିନାଇଲ ଏବଂ କେମିକାଲ ରଖାଯାଇ ଚଟାଣ ସଫା କରିବାର ନିୟମ ଥିଲେ ମଧ୍ୟ ଏହି ବ୍ୟବସ୍ଥା ବିଷୟରେ କର୍ମଚାରୀ ଜାଣିନାହାନ୍ତି। ନିର୍ମଳ ଯୋଜନାରେ ନଷ୍ଟ ହୋଇଥିବା କାଠ ସରଞ୍ଜାମ, ବୈଦ୍ୟୁତିକ ଯନ୍ତ୍ରପାତି ମରାମତି ଲାଗି ବଢେଇ ଏବଂ ଇଲେକ୍ଟ୍ରିସିଆନ ନିଯୁକ୍ତି ଦିଆଯିବା କଥା, ତାହା ମଧ୍ୟ ଏଠାରେ ହେଉନାହିଁ। ଫଳରେ ରୋଗୀୱାର୍ଡ, ଓପିଡି, କାଜୁଆଲିଟି ସମେତ ବିଭିନ୍ନ ସ୍ଥାନରେ ଅଚଳ ହୋଇପଡ଼ିଥିବା ବୈଦ୍ୟୁତିକ ଯନ୍ତ୍ରପାତି ସଜାଡ଼ିବାରେ ବିଳମ୍ବ ହେଉଛି। 'ନିର୍ମଳ' ଯୋଜନାରେ ନିୟୋଜିତ ସୁପରଭାଇଜରଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏଭଳି ଏକାଧିକ ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଉଦ୍‌ବେଗ ବ୍ୟକ୍ତ କରିବା ସହିତ ସଫେଇ ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ଚିଠି ଲେଖି ତାଗିଦ୍ କରିଛନ୍ତି। ଅନ୍ୟପଟେ ମେଶିନଗୁଡ଼ିକ ଅଚଳ ହୋଇଯାଇଥିବାରୁ ହାତରେ ସଫେଇ କାର୍ଯ୍ୟ କରାଯାଉଥିବା ଠିକାସଂସ୍ଥାର ଜଣେ ସୁପରଭାଇଜର କହିଛନ୍ତି।

### ଠିକାସଂସ୍ଥାକୁ ଜବାବ ମଗାଯାଇଛି



"ମେଡିକାଲ ସଫାସୁତରା କରିବା ଲାଗି ରହିଥିବା ଅତ୍ୟାଧୁନିକ ଯନ୍ତ୍ରପାତିଗୁଡ଼ିକ କାର୍ଯ୍ୟରେ ଲାଗୁନାହିଁ। ଫର୍ନିଚର, ବିଦ୍ୟୁତ୍ ଉପକରଣ ମରାମତି କରାଯାଉନାହିଁ। ଠିକାସଂସ୍ଥାକୁ ରିପୋର୍ଟ ମଗାଯାଇଛି। ୧୫ ଦିନ ମଧ୍ୟରେ ଜବାବ ନ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

–ମାନସ ରଞ୍ଜନ ବିଶ୍ୱାଳ, ଏଡିଏମ୍‌ଓ

### ଠିକା କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି



"ମେଶିନ୍ ଦ୍ୱାରା ସଫେଇ କାର୍ଯ୍ୟ କରିବାକୁ ବାରମ୍ବାର ତାଗିଦ୍ କରାଯିବା ସତ୍ତ୍ୱେ ଠିକାସଂସ୍ଥା କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି। ଏଭଳି ଅବହେଳା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ।

–ଦେବାଶିଷ ଦାସ, ମେଡ଼ିକାଲ ପରିଚାଳକ

### ଦିନଟିଏ ମେଶିନ କାମରେ ଲାଗିନି



"ଜିଲା ଚିକିତ୍ସାଳୟକୁ ମେଶିନ ଆସିଥିବା ନେଇ ଅବଗତ ଅଛୁ। ହେଲେ ଦିନଟିଏ ମଧ୍ୟ ଏହା କାମରେ ଲାଗିନାହିଁ। ଏବେ ସେସବୁ ଅଚଳ ହୋଇଯାଇଥିବା କୁହାଯାଉଛି। ଏହା ଠିକାସଂସ୍ଥାର ଚାଲ୍ କିମ୍ବା ମେଡିକାଲ କର୍ତ୍ତୃପକ୍ଷଙ୍କ ଅପାରଗତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

–ସୁବୋଧ ମିଶ୍ର, ରୋଗୀ କଲ୍ୟାଣ ସମିତିର ପୂର୍ବତନ ସଦସ୍ୟ

## ସିଲ୍ ହେଲା ଦୋକାନ, ଗଣିଲେ ଜରିମାନା



**ଅନୁଗୋଳ ଅଫିସ, ୨୪।୭**

ସର୍ବସାଧାରଣ ବ୍ୟବହାର କରୁଥିବା ରାସ୍ତାରେ ଆବର୍ଜନା ପକାଇ ପରିବେଶ ଦୂଷିତ କରୁଥିବା ଅଭିଯୋଗରେ ବଜାର ଛକରେ ଥିବା ଦାମିନୀ ସାଇକେଲ ଷ୍ଟୋରକୁ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ନିର୍ଦ୍ଦେଶରେ ସିଲ୍ କରାଯାଇଛି। ଏ ନେଇ ନିର୍ବାହୀ ଅଧିକାରୀ କହିଛନ୍ତି, ଦୋକାନର କର୍ମଚାରୀ ରାସ୍ତାରେ ଆବର୍ଜନା ପକାଉଥିବାବେଳେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲେ। ସାଇକେଲ ଷ୍ଟୋର ମାଲିକ ପୌରପାଳିକା ନିକଟରେ ୫ ହଜାର ଟଙ୍କା ଜରିମାନା ଦାଖଲ କରିଛନ୍ତି। ଏଥିସହ ଆବର୍ଜନା ଉଠାଇ ପୌରପାଳିକା ଗାଡ଼ିକୁ ଦେଇଛନ୍ତି। ପୌରାଞ୍ଚଳରେ ଅଳିଆ ଉଠାଇବାକୁ ଗାଡ଼ି ବୁଲୁଛି। ତଥାପି କେତେଜଣ ବ୍ୟବସାୟୀ ଆବର୍ଜନା ନ ଦେଇ ରାସ୍ତାଘାଟରେ ପକାଉଛନ୍ତି। ଅଧିକ ଅଳିଆ ବାହାରୁଥିଲେ ସମ୍ପୃକ୍ତ ବ୍ୟବସାୟୀ ପୌରପାଳିକାରେ ନିଜର ନାମ ପଞ୍ଜୀକରଣ କରିପାରିବେ। ତାଙ୍କ ଲାଗି ସ୍ୱତନ୍ତ୍ର ଭାବେ ଏକ ଅଳିଆ ସଂଗ୍ରହ ଗାଡ଼ି ନିୟୋଜିତ କରାଯିବ। ନିୟମ ଭାଙ୍ଗି ଏଣେତେଣେ ଆବର୍ଜନା ଫିଙ୍ଗିଲେ ମୋଟାଅଙ୍କର ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

# ଦଣ୍ଡାଧରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

- ୪ ଗେଟ୍‌ରୁ ଗୋଟିଏ ଖୋଲାଗଲା
- ତଳିଆ ଅଞ୍ଚଳବାସୀଙ୍କୁ ବିପଦ ନାହିଁ

**କାମାକ୍ଷାନଗର, ୨୪।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ରାମିଆଳ ନଦୀରେ ନିର୍ମିତ ଦଣ୍ଡାଧର ଡ୍ୟାମ୍‌ରୁ ଶନିବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଡ୍ୟାମ୍‌ର ୪ ଗେଟ୍ ମଧ୍ୟରୁ ଗୋଟିଏ ଗେଟ୍ ଖୋଲାଯାଇଛି। ତଳିଆ ଅଞ୍ଚଳବାସୀଙ୍କ ପାଇଁ ବିଶେଷ ବିପଦ ନ ଥିଲେ ମଧ୍ୟ ସତର୍କ ରହିବାକୁ ଡ୍ୟାମ୍ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି।

ଦଣ୍ଡାଧାର ଡ୍ୟାମର ମୋଟ ଜଳଧାରଣ କ୍ଷମତା ୧୦୯.୪୬ ମିଟର। ଜୁଲାଇରେ ଜଳସ୍ତର ୧୦୭.୮ ମିଟର ରହିବା କଥା। କିନ୍ତୁ ଏବେ ୧୦୮.୩୮ ମିଟର ରହିଛି। ବର୍ଷା ଲାଗିରହିଥିବାରୁ ଡ୍ୟାମର ଜଳସ୍ତର ବଢ଼ିବାରେ ଲାଗିଛି। ତେଣୁ ଜଳ ପରିଚାଳନା ଲାଗି ଗୋଟିଏ ଗେଟ୍ ଖୋଲାଯାଇଥିବା ସହକାରୀ ଯନ୍ତ୍ରୀ ଅଜିତ୍ କୁମାର ଗନିକ୍ ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ସ୍ତରକୁ ଆସିଯିବା ପରେ ଗେଟ୍ ବନ୍ଦ କରିଦିଆଯିବ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ଗେଟ୍ ଖୋଲିବା ଲାଗି ଡ୍ୟାମ୍ କର୍ତ୍ତୃପକ୍ଷ ଉପଜିଲାପାଳ ଦାୟିତ୍ୱରେ ଥିବା ତହସିଲଦାର ସଞ୍ଜୟ ରାଉତଙ୍କ ପରାମର୍ଶ ଲୋଡ଼ିଥିଲେ। ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ଗେଟ୍ ଖୋଲାଯାଇଥିଲା। କଙ୍କଡ଼ାହାଡ଼ ତହସିଲଦାର ରମେଶ କୁମାର ଜେନା, ରାମିଆଳ ଜଳସେଚନ ଯୋଜନାର ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସହକାରୀ ଯନ୍ତ୍ରୀ (ବନ୍ୟା ନିୟନ୍ତ୍ରଣ) ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ତହସିଲଦାର କୁହନ୍ତି, ଗୋଟିଏ ଗେଟ୍ ଖୋଲାଯାଇଥିବାରୁ ତଳିଆ ଅଞ୍ଚଳବାସୀଙ୍କ ପାଇଁ ବିପଦ ନାହିଁ। ତଥାପି ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ନଦୀକୂଳିଆ ଲୋକମାନେ ସତର୍କ ରହିବା ଆବଶ୍ୟକ।



ଡ୍ୟାମ୍‌ର ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ବଇଣ୍ଡା, ୨୪।୭(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କ ବିବାହକୁ ଶନିବାର ଜିଲା ଚାଇଲ୍ଡ ଲାଇନ ପକ୍ଷରୁ ରୋକାଯାଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଏକ ଚୁକ୍ତିନାମା କରାଯାଇଛି। ଝିଅଙ୍କୁ ୧୮ ବର୍ଷ ହେବା ପରେ ବିବାହ କରିବା ଲାଗି ନିଷ୍ପତ୍ତି ହୋଇଛି। ସମ୍ପୃକ୍ତା ନାବାଳିକାଙ୍କୁ ୧୭ ବର୍ଷ ୬ ମାସ ହୋଇଥିବାବେଳେ ପରିବାର ଲୋକ ଅନ୍ୟ ଜିଲାରେ ତାଙ୍କର ବିବାହ ସ୍ଥିର କରିଥିଲେ। ୨୬ ତାରିଖରେ ବିବାହ ଦିବସ ଧାର୍ଯ୍ୟ ହୋଇଥିବାବେଳେ ଚାଇଲ୍ଡ ଲାଇନ ସଦସ୍ୟ ଅଭିଷେକ ମହାପାତ୍ର, ପ୍ରିୟଙ୍କା ପ୍ରଧାନ, ଦିଗବିଜୟ ସାହୁ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବନ୍ଦ କରିଥିଲେ।

## ୧୨ ହଜାର ଜରିମାନା ଆଦାୟ

**କଣିହାଁ,୨୪।୭(ଡି.ଏନ୍.ଏ.)**

ବେଆଇନ ଟ୍ରକ ପାର୍କିଂ ଅଭିଯୋଗରେ ଶନିବାର କଣିହାଁ ଥାନା ପୋଲିସ ୧୨ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଏହାପୂର୍ବରୁ ବୁଧବାର ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ରାସ୍ତାକଡ଼ରେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ବଢ଼ୁଛି। ଏଭଳି କାର୍ଯ୍ୟ କରୁଥିବା ଗାଡ଼ି ଚାଳକ ଏବଂ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୪ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**ତାଳଚେର,୨୪।୭(ନି.ପ୍ର.)**

ତାଳଚେର ବାଇପାସ୍ ଛକରେ ପୋଲିସ ଚଢ଼ାଉ କରି ୪ ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଛି। ସେମାନେ ହେଲେ ଧରମପୁରର କମଳକାନ୍ତ ମହାପାତ୍ର (୨୩), ବଳସିଂଘାର ମନୋଜ ବେହେରା (୨୪), ସାମନ୍ତ ପ୍ରଧାନ (୨୫) ଏବଂ ଟାଇସିଂଗା ଗ୍ରାମର ଅଜୟ କୁମାର ମହାରଣା (୨୧)। ସେମାନଙ୍କ ନିକଟରୁ ପିସ୍ତଲ, ଜୀବନ୍ତ ଗୁଳି, ଚୋରି ସୁନା ଜବତ କରାଯାଇଛି। ଏସ୍‌ଆଇ ବିପ୍ଳବ ସାହୁଙ୍କ ନେତୃତ୍ୱରେ ତାଳଚେର ଥାନାର କର୍ମଚାରୀ ବାଇପାସ୍ ଛକଠାରେ ଶୁକ୍ରବାର ରାତିରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ୪ ଜଣ ଯୁବକ ଦ୍ରୁତଗତିରେ ଏକ ଗାଡ଼ିରେ ଆସିଥିଲେ। ସେମାନେ ଖସିଯିବାକୁ ଉଦ୍ୟମ କରୁଥିବା କମଳକାନ୍ତଙ୍କୁ ପୋଲିସ କାବୁ କରିଥିଲା। ଅନ୍ୟମାନେ ଫେରାର ହୋଇଯାଇଥିଲେ। କମଳକାନ୍ତଙ୍କ ନିକଟରୁ ପୋଲିସ ଏକ ପିସ୍ତଲ ସହିତ ଜୀବନ୍ତ ଗୁଳି ଜବତ କରିଥିଲା। ପଚରାଉଚୁରା ବେଳେ ହାଟତୋଟା ପେଟ୍ରୋଲ ପମ୍ପ ନିକଟରେ ଜୁଲାଇ ୧୮ରେ ତାଳବେଡା ଗ୍ରାମର ଦୁର୍ଯ୍ୟୋଧନ ଆଚାର୍ଯ୍ୟଙ୍କ ସ୍ତ୍ରୀଙ୍କଠାରୁ ଲୁଟ୍ ହୋଇଥିବା ଚେନ୍ ସମ୍ପର୍କରେ ସୂଚନା ମିଳିଥିଲା। ତଦନୁଯାୟୀ ତାଳଚେର ଥାନା ଆଇଆଇସି ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ଏସ୍‌ଆଇ ମନୋହର ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମନୋଜ, ସାମନ୍ତ, ଅଜୟଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ଚୋରି ସୁନା ଜବତ କରାଯାଇଛି। ଏ ନେଇ ନଂ. ୨୮୫/୨୧ ଏବଂ ୨୯୫/୨୧ରେ ମାମଲା ରୁଜୁ କରାଯାଇଛି।



ପୋଲିସ ହାତରେ ଧରାପଡ଼ିଥିବା ୪ ଅଭିଯୁକ୍ତ।

## ରାସ୍ତା ନିର୍ମାଣ ପାଇଁ ଭୂମିପୂଜା

**ବଇଣ୍ଡା, ୨୪।୭(ଡି.ଏନ୍.ଏ.)**

କିଶୋରନଗର ବ୍ଲକ କଣ୍ଟେଇକୋଳିଆ ପଞ୍ଚାୟତ ଅାଁଳାବେରେଣୀ–କୁଣ୍ଡାନାଳି ପର୍ଯ୍ୟନ୍ତ ୮ କିଲୋମିଟର ରାସ୍ତା ନିର୍ମାଣ ହେବ। ଏଥିଲାଗି ୮ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଶନିବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଭୂମିପୂଜା କରିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, କଣ୍ଟେଇକୋଳିଆ ସରପଞ୍ଚ କୁମୁଦିନୀ ସାହୁ, ସମିତିସଭ୍ୟ ଅଜୟ ପ୍ରଧାନ, ନୁଢୁକାପଶି ସରପଞ୍ଚ ଜଳଧର ସାହୁ, ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ, ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ସୁଧାଂଶୁ ନାୟକ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ସାହୁ, ଅଭିରାମ ସାହୁ, ଅର୍ଜୁନ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟ ଅତିଥିମାନେ।

## ଅର୍ଜୁନଧରା, ବଣିନାଳୀ କଣ୍ଟେନ୍‌ମେଣ୍ଟ ଜୋନ୍

**ବଇଣ୍ଡା, ୨୪।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ଅର୍ଜୁନଧରା ଏବଂ ବଣିନାଳୀ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏ ସଂକ୍ରାନ୍ତରେ ସରପଞ୍ଚ ଅମିୟ ପ୍ରଧାନ ଶନିବାର ଚିଠି ନଂ ୩୪/ତା ୨୪।୦୭।୨୦୨୧ରେ ଉପଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଏହାର ନକଲ ବିଡିଓ, ତହସିଲଦାର, ହଣ୍ଡପା ଆଇଆଇସିଙ୍କୁ ପ୍ରଦାନ କରାଯାଇଛି। ବଣିନାଳୀରୁ ୩୫ ପଜିଟିଭ୍ ଚିହ୍ନଟ ହେବା ପରେ ଗ୍ରାମକୁ ଶନିବାର ଯାଏ ଏବଂ ଅର୍ଜୁନଧରାରୁ ୧୭ ପଜିଟିଭ୍ ଚିହ୍ନଟ ହେବାପରେ ଶୁକ୍ରବାର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଉଭୟ ଗ୍ରାମର ଜନସାଧାରଣ କୋଭିଡ୍ ନିୟମ ପାଳନ କରି ଘରେ ରହିବାକୁ ସରପଞ୍ଚ ନିବେଦନ କରିଛନ୍ତି।

# ବିଦ୍ୟୁତ୍ ଫାଶରେ ହାତୀ ମୃତ

**ଢେଙ୍କାନାଳ ଅଫିସ, ୨୪।୭**

- ୨ ଅଭିଯୁକ୍ତ ଗିରଫ, ୨ ଅଟକ
- ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା
- ଦେଢ଼ ମାସରେ ମଲେଣି ୩ ହାତୀ

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ କନ୍ତାମିଲା ଗ୍ରାମ ନିକଟବର୍ତ୍ତୀ କୁଶପଦା ଜଙ୍ଗଲରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଫାଶରେ ଛନ୍ଦି ହୋଇ ଏକ ମାଈହାତୀର ମୃତ୍ୟୁ ଘଟିଛି। ହାତୀଟିର ଆନୁମାନିକ ବୟସ ୧୨ ବର୍ଷ ହେବ। ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ବନ ବିଭାଗ କନ୍ତାମିଲା ଗ୍ରାମର ରଞ୍ଜିତ ନାୟକ ଓରଫ୍ ବଟୁ (୩୦), ଦିଅରପଶି ଗ୍ରାମର ଜିତୁ ସାହୁ ଓରଫ୍ ସୁମନ (୩୫)ଙ୍କୁ ଗିରଫ କରିଛି। ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ, ହିନ୍ଦୋଳ ରେଞ୍ଜର ଲୋହିତ ରଥ, ସାତକୋଶିଆ ଅଭୟାରଣ୍ୟର ବରିଷ୍ଠ ବନ୍ୟପ୍ରାଣୀ ଚିକିତ୍ସାଧିକାରୀ ଡ. କିଶୋର ଚନ୍ଦ୍ର ସାହୁ ପ୍ରମୁଖ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ହାତୀ ମୃତଦେହ ପୋତି ଦିଆଯାଇଛି।

ଅଞ୍ଚଳବାସୀଙ୍କ କହିବା କଥା, ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଉଚ୍ଚ ଶକ୍ତିସମ୍ପନ୍ନ ୧୧ କେଭି ଲାଇନ୍‌ରୁ ବିଦ୍ୟୁତ୍ ତାର ଟାଣି ଶିକାରୀମାନେ ଶୁକ୍ରବାର ରାତିରେ ଫାଶ ପକାଇଥିଲେ। ପଲରୁ ଅଲଗା ହୋଇ ଚାଲି ଆସିଥିବା ଉକ୍ତ ମାଈ ହାତୀ ବିଦ୍ୟୁତ୍ ତାରରେ ଛନ୍ଦି ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କୁହନ୍ତି, ବାରହା ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ଘଟିଛି। ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ଜଣ ଅଟକ ଅଛନ୍ତି। ଫେରାର ଥିବା ୬ ଜଣଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି। ଘଟଣାସ୍ଥଳରୁ ବିଦ୍ୟୁତ୍ ଫାଶ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ସପ୍ତାହକ ମଧ୍ୟରେ ହିନ୍ଦୋଳ ରେଞ୍ଜରେ ଏହା ହେଉଛି ଦ୍ୱିତୀୟ ହାତୀମୃତ୍ୟୁ। ଏଥିପୂର୍ବରୁ ଗତ ୨୦ ତାରିଖରେ ବାବନ୍ଧ ସେକ୍ସନ ଅଧୀନ ଠେଙ୍ଗା ଗ୍ରାମ ନିକଟରୁ ଆନୁମାନିକ ଏକ ଦନ୍ତାହାତୀର ମୃତଦେହ ଜବତ କରାଯାଇଥିଲା। ସେହିପରି ଗତ ଜୁନ୍ ୬ରେ ସଦର ରେଞ୍ଜ ଗୋବିନ୍ଦପ୍ରସାଦ ନିକଟ ଏକ ଆମ୍ବ ବଗିଚାରେ ସୋଲାର ଫ୍ୟାନ୍ସିଂ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାର ଜୀବନ ଯାଇଥିଲା।



ମୃତ ହାତୀ।

## ସହର ସୀମାରେ ୧୪ ହାତୀ

ଢେଙ୍କାନାଳ କୁଞ୍ଜକାନ୍ତ ଲଳିତନଗର ଦେଇ ଯାଇଥିବା ରେଳଧାରଣା ନିକଟସ୍ଥ ମେଘା ସଂରକ୍ଷିତ ଜଙ୍ଗଲ ପାଦଦେଶରେ ୧୪ ହାତୀ ଡେରା ପକାଇଛନ୍ତି। ଉକ୍ତ ହାତୀପଲ ନିକଟରେ ଥିବା ଏକ ପୋଖରୀରେ ଜଳକ୍ରୀଡ଼ା କରିଥିଲେ। ଏତେ ସଂଖ୍ୟକ ହାତୀଙ୍କ ଉପସ୍ଥିତିକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ସଂକ୍ରାନ୍ତରେ ସଦର ରେଞ୍ଜର ଧରିତ୍ରୀ ମୁର୍ମୁ କୁହନ୍ତି, ମେଘା ସଂରକ୍ଷିତ ଜଙ୍ଗଲରେ ୧୫ ହାତୀ ରହୁଛନ୍ତି। ଦଳରେ ଥିବା ଏକ ଦନ୍ତାହାତୀ ଗୋଠରୁ ଅଲଗା ହୋଇଯାଇଛି। ଅନ୍ୟ ୧୪ ହାତୀ ଜଙ୍ଗଲ ନିକଟରେ ଥିବା ପୋଲିସର ପ୍ରଥମ ବାଟାଲିୟନ ଅଞ୍ଚଳକୁ ମୁହାଁଇଛନ୍ତି। ବନ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।



